## ସଂକ୍ଷେପରେ

### ଦୃଷ୍ଟିହୀନ ସେବା ପ୍ରତିଷ୍ଠାନର ବ୍ରେଲି ଦିବସ

**ବ୍ରହ୍ମପୁର ଅଫିସ,୪ା୧:** ମିଲଟନ ଦୃଷ୍ଟିହୀନ ସେବା ପ୍ରତିଷ୍ଠାନ ପକ୍ଷରୁ ଲୁଇସବ୍ରେଲିଙ୍କ ୨୧୧ତମ ଜନ୍ମଦିବସ ତଥା ବ୍ରେଲି ଦିବସ ଶନିବାର ପାଳିତ ହୋଇଯାଇଛି। ରୋଟାରୀ କ୍ଲବରେ ସଭାପତି ରଞ୍ଜନ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାରତ ସରକାରଙ୍କ ସ୍ୱାମୀ ବିବେକାନନ୍ଦ ଭିନ୍ନକ୍ଷମ ତାଲିମ ଓ ଗବେଷଣା ଅନୁଷ୍ଠାନ କନିଷ୍ଠ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ, ଟାଟା କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର କୁମାର ପରିଡା, ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ହର୍ଷଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହାୟକ ପ୍ରଧାପକ ଡ. ପ୍ରଦେଶ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ମାଧବ କୁମାର ବିଶୋୟୀ ବାର୍ଷିକ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧକ୍ଷ ତୁମ୍ବେଶ୍ୱର ଦଳାଇ ଯୋଗଦେଇ ପ୍ରତିଷ୍ଠାନର ପରିଚାଳନା ସମ୍ପର୍କରେ ଆଲୋକପାତ କରଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧାପକ ସାରଦା ପ୍ରସନ୍ନ ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସିଦ୍ଧାର୍ଥ ଶଙ୍କର ରାଉତ, ମହେଶ ପ୍ରସାଦ ମିଶ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଅବସରରେ ୩୧ ଜଣ ଦିବ୍ୟାଙ୍ଗ ମେଧାବୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ଓ ବେକାରୀ ଅନଗ୍ରସରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

### ଅନ୍‌ଲାଇନରେ ରହିବ ଛାତ୍ରୀଛାତ୍ରଙ୍କ ରେକର୍ଡ

**ଭଞ୍ଜନଗର,୪ା୧(ଡି.ଏନ୍.ଏ.):** ଆସନ୍ତା ଶିକ୍ଷାବର୍ଷଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମସ୍ତ ରେକର୍ଡ ଅନ୍‌ଲାଇନରେ ରହିବ। ଏନେଇ ଶନିବାର ଭଞ୍ଜନଗର ବିଇଓ ଅଫିସରେ ସିଆରସିସିମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ପ୍ରଧାନ ଶିକ୍ଷକମାନଙ୍କୁ ତାଲିମ ଦିଆଯିବ ଯୋଜନା ଅଛି। ଛାତ୍ରୀଛାତ୍ରଙ୍କ ରେକର୍ଡ ଅନ୍‌ଲାଇନରେ ରହିବା ଦ୍ୱାରା ପ୍ରମାଣପତ୍ର ପ୍ରଦାନରେ ସ୍ୱଚ୍ଛତା ଏବଂ ସରଳ ହେବ। ଏମ୍ଆଇଏସ୍ ସୁଶୀଲ ସାହୁ ସିଆରସିସି ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଇଓ ଏସ୍. ଧନଞ୍ଜୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ୨୦୨୦-୨୧ ଶିକ୍ଷାବର୍ଷରେ ଯେଉଁ ଛାତ୍ରୀଛାତ୍ର ନାମ ଲେଖାଇବେ ସେମାନଙ୍କ ନାମ ଶିକ୍ଷା ବିଭାଗର ଏକ ସ୍ୱତନ୍ତ୍ର ୱେବସାଇଟ୍‌ରେ ରେକର୍ଡ କରି ରଖାଯିବ। ବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ କାର୍ଯ୍ୟ କରିବେ। ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ କମ୍ପ୍ୟୁଟର ଦିଆଯିବ ନା ଶିକ୍ଷକମାନେ ବାହାରେ ଡିଟିପି ସେଣ୍ଟରକୁ ଯାଇ ଉକ୍ତ ରେକର୍ଡ ଅପ୍‌ଲୋଡ କରିବେ ସେନେଇ ଠିକ୍ କିଛି ନିର୍ଦ୍ଦେଶନାମା ଆସିନାହିଁ ବୋଲି ବିଇଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ପିସିଏମ୍ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ସୋରଡ଼ା,୪ା୧(ଡି.ଏନ.ଏ.):** ପିସିଏମ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଛାତ୍ରୀଛାତ୍ର କଣ୍ଢୁଣୀ ଦେବୀ ମନ୍ଦିରରୁ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡ଼ା ମଶାଲ ଧରି ବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ମଶାଲ ପ୍ରଦାନ କରିଥିଲେ। ପରେ ବିଧାୟକ କ୍ରୀଡ଼ା ପତାକା ଉତ୍ତୋଳନ ସହ କ୍ରୀଡ଼ା ଶୁଭାରମ୍ଭ ଘୋଷଣା କରିଥିଲେ। ଅଧାପକ ରାଜେଶ ପାତ୍ର, କର୍ମଚାରୀ ମହେନ୍ଦ୍ର ପାଢ଼ୀ ପରିଚାଳନା କରିଥିବା ବେଳେ ଗୋପାଳକୃଷ୍ଣ ଦାଶ ସହଯୋଗ କରିଥିଲେ। ଏହି ଅବସରରେ ପରେଡ ସହ ଶପଥପାଠ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗନେବାକୁ ବିଧାୟକ ପରାମର୍ଶ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବେଆଇନ କ୍ଲିନିକ ଉପରେ ପ୍ରଶାସନର ଚଢ଼ାଉ

# ବାହାରେ ତାଲା, ଭିତରେ ରୋଗୀ ଚିକିତ୍ସା

**ଦିଗପହଣ୍ଡି,୪ା୧(ଡି.ଏନ.ଏ.)**

ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ନିକଟ ମୁଖ୍ୟରାସ୍ତା କଡ଼ରେ ଥିବା ସାଗର ପାଥୋଲୋଜି ଏବଂ କଲ୍ୟାଣୀ ମେଡ଼ିସିନ ଷ୍ଟୋର ଓ କ୍ଲିନିକ୍‌ରେ ଶନିବାର ପୁଣିଥରେ ପ୍ରଶାସନିକ ଚଢ଼ାଉ କରାଯାଇଥିଲା। ପ୍ରଥମେ ସାଗର କ୍ଲିନିକରେ ଚଢ଼ାଉ କରାଯାଇଥିଲା। କ୍ଲିନିକ ମୁଖ୍ୟ ଦରଜାରେ ତାଲା ପଡ଼ିଥିଲେ ମଧ ଭିତରେ ରୋଗୀ ଚିକିତ୍ସା ଚାଲିଥିବା ଜଣାପଡିବା ପରେ ଦିଗପହଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁ ଓ ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ବିଜୟ କୁମାର ନାୟକ, ବିଡିଏମ୍ ଶିବାଶିଷ ପାତ୍ର, କନିଷ୍ଠ ସହାୟକ ରବି ପ୍ରସାଦ ପାତ୍ର ପ୍ରମୁଖ ପହଞ୍ଚି ମାଲିକଙ୍କୁ ତୁରନ୍ତ ତାଲା ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଲା ଖୋଲାଯିବା ପରେ କ୍ଲିନିକ ଭିତରେ ୫ ରୋଗୀଙ୍କୁ ଚିକିତ୍ସା ଚାଲିଥିବା ଜଣାପଡିଥିଲା। ଟିମ୍ ସଦସ୍ୟମାନେ ଚିକିତ୍ସା ସମ୍ପର୍କିତ ଭିଡିଓ ଗ୍ରାଫି କରିବା ସହ ଖାନତଲାସ କରିଥିଲେ। କ୍ଲିନିକ ସମ୍ବନ୍ଧିତ କୌଣସି ଲାଇସେନ୍ସ ନ ଥିବା ଜଣାପଡିଥିଲା। ଡାକ୍ତର କିମ୍ବା ଫାର୍ମାସିଷ୍ଟଙ୍କ ଅନୁପସ୍ଥିତିରେ କ୍ଲିନିକ ମାଲିକ ଚିକିତ୍ସା କରୁଥିବାରୁ ଟିମ୍ ସଦସ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେଠାରେ ଥିବା ବିଭିନ୍ନ କମ୍ପାନୀର ସାମ୍ପୁଲ ଔଷଧଗୁଡ଼ିକୁ ତନଖି କରାଯାଇଥିଲା। ବିନା ଲାଇସେନ୍ସରେ କ୍ଲିନିକ ନ ଖୋଲିବା ପାଇଁ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ନୂଆ ବସ୍‌ଷ୍ଟାଣ୍ଡ ନିକଟ କଲ୍ୟାଣୀ ମେଡିସିନ ଷ୍ଟୋରରେ ଚାଲିଥିବା କ୍ଲିନିକ ଉପରେ ଅତର୍କିତ ଚଢ଼ାଉ କରାଯାଇ ନଥିପତ୍ର ଯାଞ୍ଚ କରାଯାଇଥିଲା। ୨୦୧୪ରୁ ଲାଇସେନ୍ସ ନବୀକରଣ କରାଯାଇ ନ ଥିବା ଜଣାପଡିଥିଲା। ଜଣେ ଡାକ୍ତର ସପ୍ତାହରେ ଦିନେ କ୍ଲିନିକ ଆସୁଥିବା ମାଲିକ ଟିମ୍ ସଦସ୍ୟଙ୍କୁ ଜଣାଇଥିଲେ। କ୍ଲିନିକ ପରିସର ଦୁର୍ଗନ୍ଧ



ତହସିଲଦାରଙ୍କ ଦ୍ୱାରା କ୍ଲିନିକରେ ସାମ୍ପୁଲ ମେଡିସିନ ତନଖି କରାଯାଉଛି।

ଓ ଅପରିଷ୍କାର ପରିବେଶରେ ଆବଶ୍ୟକ ଭିତ୍ତିଭୂମି ନ ଥାଇ ଚାଲିଥିବାରୁ ଟିମ୍ ସଦସ୍ୟମାନେ ତୁରନ୍ତ କ୍ଲିନିକରେ ରୋଗୀ

**ଦିଗପହଣ୍ଡି ବ୍ଲକ**
- କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ
- କ୍ଲିନିକ ମାଲିକମାନେ ଭୟଭୀତ

ଚିକିତ୍ସା ବନ୍ଦ କରିବାକୁ ମାଲିକଙ୍କୁ ତାଗିଦ କରିଥିଲେ। ବେଆଇନ ଭାବେ ଚାଲିଥିବା ୨ଟି କ୍ଲିନିକ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନିକ ଟାସ୍କ ଫୋର୍ସ ପକ୍ଷରୁ ସୁପାରିସ କରାଯାଇଥିବା ତହସିଲଦାର କହିଛନ୍ତି। ଏହି ଚଢ଼ାଉ ସମ୍ପର୍କରେ ସୂଚନା ପାଇ ସହରରେ ଥିବା ବହୁ ସଂଖ୍ୟକ କ୍ଲିନିକ ଦିନସାରା ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ପରେ ପ୍ରଶାସନିକ ଟିମ୍ ଭୀଷ୍ମଗିରି ଗ୍ରାମରେ ପହଞ୍ଚି ବିଭିନ୍ନ କ୍ଲିନିକ ଉପରେ ଚଢ଼ାଉ ପାଇଁ ପ୍ରସ୍ତୁତ ହେବା ପୂର୍ବରୁ ଖବର ପାଇ କ୍ଲିନିକ ମାଲିକମାନେ ଚମ୍ପଟ ମାରିଥିଲେ। କେତେକ ଔଷଧ ଦୋକାନରେ ଟିମ ସଦସ୍ୟମାନେ ପହଞ୍ଚି କାଗଜପତ୍ର ଯାଞ୍ଚ କରିବା ପରେ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀ ପଞ୍ଜୀକରଣ ପୁସ୍ତିକା ତନଖି କରିଥିଲେ। ଉପସ୍ଥିତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସହ ଅଭାବ ଅସୁବିଧା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଫେରିଥିବା ଜଣାପଡ଼ିଛି। ଗତ ଶୁକ୍ରବାର ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଖେମୁଣ୍ଡି ମେଡ଼ିସିନ ଓ ପାଥୋଲୋଜି କ୍ଲିନିକ ସମେତ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆ ନାଳ ଛକରେ ଥିବା ମିଶ୍ର ମେଡିକାଲ ଓ କ୍ଲିନିକ ଏବଂ ସାହୁ କ୍ଲିନିକ ଉପରେ ଚଢ଼ାଉ କରାଯାଇଥିଲା। ଗତ ଡ଼ିସେମ୍ବର ୧୯ ରେ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ମୁଖ୍ୟରାସ୍ତା କଡ଼ରେ ଥିବା ବାସୁଦେବ କ୍ଲିନିକ ଓ ଚୈତନ୍ୟପୁର ଗାଁରେ ଥିବା ଏକ ଘରୋଇ କ୍ଲିନିକ ଉପରେ ଚଢ଼ାଉ କରାଯାଇଥିଲା। ବାସୁଦେବ କ୍ଲିନିକ ମାଲିକଙ୍କଠାରୁ ଲାଇସେନ୍ସ ସମେତ ବିଭିନ୍ନ ନ ଥିପତ୍ର ଜବତ କରାଯାଇଥିଲା।

## ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୪ା୧**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଙ୍ଗେଇଲୁଣ୍ଡା ବିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଏମ୍ଆଇଏସ୍ ପ୍ରଦୀପ କୁମାର ଖଟାଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ନୂତନ ନାମଲେଖା ଓ ଅନ୍‌ଲାଇନ ଉପସ୍ଥାନ ଉପରେ ଏଥିରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବ୍ଲକର ସମସ୍ତ ସିଆରସିସି, ଗୋଇଲୁଣ୍ଡି ଓ କରମ ସାହି କ୍ଲଷ୍ଟରର ସରକାରୀ ଓ ବେସରକାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଯୋଜନା ସଂଯୋଜକ ସନୋଜ କୁମାର ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ବଡଜେନା ଓ ସନ୍ତୋଷ କୁମାର ପଟ୍ଟନାୟକ ସହଯୋଗ କରିଥିଲେ।

## ଆନ୍ତଃ ସ୍କୁଲ ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୪ା୧**

ସବ୍‌ଡିଭିଜନାଲ ଅଲିମ୍ପିକ ଆସୋସିଏଶନ ପକ୍ଷରୁ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗ ଦ୍ୱିତୀୟ ଆନ୍ତଃ ସ୍କୁଲ ବାସ୍କେଟ ବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଖଲ୍ଲିକୋଟ ମହାବିଦ୍ୟାଳୟ ଖେଳପଡିଆରେ ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗୀତାର ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ସୁବ୍ରତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ସ୍କୁଲରୁ ବାଳକ ବର୍ଗରେ ୧୪ ଦଳ ଓ ବାଳିକା ବର୍ଗରେ ୩ ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ବାଳିକା ବର୍ଗରେ ସରକାରୀ ବାଳିକା ବିଦ୍ୟାଳୟ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ସେଣ୍ଟ ଜାଭିୟର ସ୍କୁଲ ଦ୍ୱିତୀୟ ଓ ଡିଏଭି ପବ୍ଲିକ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା।



କୁଇନ ମିଶନ ହାଇସ୍କୁଲର ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ବାଳକ ବର୍ଗରେ କୁଇନ ମିଶନ ହାଇସ୍କୁଲ ପ୍ରଥମ ହୋଇଥିବା ବେଳେ ମାଉଣ୍ଟ ଲିଟେରା ଦି ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ରାଜନାରାୟଣ ପାତ୍ର, ସୁଧୀର କୁମାର ପରିଡା, ଭି. ନାଗେଶ୍ୱର ରାଓ, ସୁନୀଲ କୁମାର ଜେନା, ଅଶିଷ କୁମାର ଜେନା, ଡି. ପଲ୍ଲଭି ପ୍ରିୟା, ସୁନିତା ପାଢୀ ଓ ପୂଜା ପାଣ୍ଡି ପ୍ରମୁଖ ରେଫେରି ଭାବେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଆସୋସିଏଶନ ଭାରପ୍ରାପ୍ତ ସମ୍ପାଦକ ଡ. ସୁବ୍ରତ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜୟ ଅଧିକାରୀ, ଯୋଶେଫ ଦାଶ, ଡି. ଆପାରାଓ, ଡି. ବାବୁ ରାଓ, ଆଶୋକ ନିମାଇଁ, ଭୀମସେନ ସାହୁ ଓ ବିନାୟକ ହୋତା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଚସ୍ପତିଙ୍କ ସମୀକ୍ଷା ବୈଠକ

**କୁକୁଡାଖଣ୍ଡି,୪ା୧(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ବିଡିଓ ଗଦାଧର ପାତ୍ର, ବ୍ଲକ ଚେୟାରମ୍ୟାନ କାମାକ୍ଷା ପ୍ରସାଦ ପାତ୍ର, ଏ.ଇ ସୁଜିତ କୁମାର ଟହଲ ମଞ୍ଚାସୀନ ଥିଲେ। ଏମ୍ଏଲ୍ଏ ଲାଡ୍, ଏମ୍ପି ଲାଡ୍ ଓ ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଯୋଜନା ବାବଦକୁ ଅର୍ଥ କିପରି ଭାବେ ଖର୍ଚ୍ଚ ହେଉଛି। ଯୋଜନା କିପରି କାର୍ଯ୍ୟକାରୀ ହେଉଛି ସେନେଇ ସରପଞ୍ଚ, ସମିତିସଭ୍ୟ, କର୍ମଚାରୀମାନଙ୍କୁ ପଚାରି ବୁଝିଥିଲେ। ରାଜ୍ୟର ଅର୍ଥନୀତି ସଙ୍କଟରେ ଥିବାରୁ ଯୋଜନା ବାବଦକୁ ଅଧିକ ଅର୍ଥ ସରକାର ଦେଇପାରୁନାହାନ୍ତି। ପୂର୍ବରୁ ଆସିଥିବା ଅନୁଦାନ ଗୁଡ଼ିକ କାର୍ଯ୍ୟକ୍ଷମ ନ ହୋଇ ପଡିରହୁଛି। ସେଗୁଡ଼ିକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋ ସରକାର, ୫-ଟି ଯୋଜନା ରାଜ୍ୟରେ ଦ୍ରୁତଗତିରେ ଚାଲୁଥିବାରୁ କର୍ମଚାରୀ, ଜନପ୍ରତିନିଧିଙ୍କୁ ନିବୃତ ରହିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ପରିସରରେ କନିଷ୍ଠ ଯନ୍ତ୍ରୀମାନଙ୍କ ପାଇଁ ଏକ କୋଠା ଉଦ୍‌ଘାଟନ କରିଥିଲେ।



ବୈଠକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ବିଡିଓ ଗଦାଧର ପାତ୍ର ଓ ଅନ୍ୟମାନେ।

## ପଞ୍ଚାୟତ ସମିତି ଅଧିକାରୀଙ୍କ ବନ୍ଧୁମିଳନ

**ଗଞ୍ଜାମ,୪ା୧(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ସଭାଗୃହଠାରେ କର୍ମଚାରୀଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ବିଡିଓ ଜ୍ୟୋତି ଶଙ୍କର ରାଏ, ଏବିଡିଓ ଭବାନି ଶଙ୍କର ପ୍ରଧାନ, ସହକାରୀ ଯନ୍ତ୍ରୀ ପର୍ଶୁରାମ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ବିଧାୟକ ଦୈତାରୀ ବେହେରାଙ୍କ ବିୟୋଗରେ ପ୍ରଥମେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ସମସ୍ତ ଜିଆରଏସ, ଭିଏଲଡବ୍ଲୁ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବିଡିଓ ରାଏ ଶ୍ରେଷ୍ଠ ଗୋଷ୍ଠୀ ଉନ୍ନୟନ ଅଧିକାରୀଭାବେ ଚୟନ ହୋଇଥିବାରୁ ତାଙ୍କୁ ବିଭାଗୀୟ ଅଧିକାରୀ ଶୁଭେଚ୍ଛା ଜଣାଇଥିଲେ।

## ମଙ୍ଗଳ ବିଭାଗର ମୋ ସରକାର ସମ୍ପର୍କିତ ତାଲିମ ଶିବିର

**ଦାରିଙ୍ଗବାଡ଼ି,୪ା୧(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ସଭାଗୃହରେ ଶନିବାର ମଙ୍ଗଳ ବିଭାଗ ପକ୍ଷରୁ ମୋ ସରକାର ସମ୍ପର୍କୀତ ତାଲିମ ଶିବିର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁ ମାଝୀ ପତ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟତମ ଅଧିକାରୀଙ୍କ ମଧରେ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଦୟାନିଧି ନାୟକ, ବ୍ଲକ ଆକାଉଣ୍ଟ ଅଫିସର କ୍ଷେତ୍ରୀବର ଜାନୀ ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିବା ସହ ମୋ ସରକାର ଦ୍ୱାରା କ'ଣ ସବୁ ହାସଲ ହେବ ସେନେଇ କୁହାଯାଇଥିଲା। ସେହିପରି ଚଳିତ ମାର୍ଚ୍ଚ ୫ ସୁଦ୍ଧା ରାଜ୍ୟରେ ସମସ୍ତ ବିଭାଗ ଏହି ମୋ ସରକାରରେ ଅନ୍ତର୍ଭୁକ୍ତ କରାଯିବ ବୋଲି କୁହାଯାଇଥିଲା। ଶିବିରରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ୨୫ ପଞ୍ଚାୟତରେ ରହିଥିବା ଅନୁସୂଚିତ ଜାତି ଏବଂ ଜନଜାତି ହଷ୍ଟେଲ ଏବଂ ବିଦ୍ୟାଳୟ ଦାୟିତ୍ୱରେ ରହିଥିବା ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଲିମ ନେଇଥିଲେ।


ଶିବିରରେ ଯୋଗଦେଇଥିବା ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକମାନେ।

## ଘୁମୁସର ବନଖଣ୍ଡରେ ପକ୍ଷୀ ଗଣନା ସରିଲା

**ଭଞ୍ଜନଗର,୪ା୧(ଡି.ଏନ୍.ଏ.)**

ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡରେ ଶୁକ୍ରବାର ପକ୍ଷୀ ଗଣନା ସରିଛି। ପକ୍ଷୀମାନଙ୍କ ଆଗମନ ହେଉଥିବା ୨୩ଟି କ୍ଷୁଦ୍ର ଓ ମଧ୍ୟମ ଜଳଭଣ୍ଡାର ସମେତ ଅନ୍ୟାନ୍ୟ ସ୍ଥାନରେ ଏହି ପକ୍ଷୀ ଗଣନା ହୋଇଥିଲା। ଏନେଇ ବିଭିନ୍ନ ରେଞ୍ଜର ୫୯ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ଅନୁମାନ କରାଯାଉଛି। ବିଦେଶୀ ପକ୍ଷୀ ଗଣନା ସମୟରେ ଦେଖିବାକୁ ମିଳିନାହିଁ। ଏନେଇ ବନ ବିଭାଗର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗବେଳେ ସେ କହିଛନ୍ତି ଯେ, ରିପୋର୍ଟ ଚୂଡାନ୍ତ ହୋଇନାହିଁ। ରିପୋର୍ଟ ଚୂଡାନ୍ତ ହେବାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରିପୋର୍ଟକୁ ଯାଞ୍ଚ କରାଯାଇ ଚୂଡାନ୍ତ ରିପୋର୍ଟ ପ୍ରକାଶ କରାଯିବ। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡର ମଧ୍ୟ ଏକାଧିକ ସ୍ଥାନରେ ହୋଇଥିବା ପକ୍ଷୀ ଗଣନା ସରିଛି।

## ନୃତ୍ୟାୟନ ସଙ୍ଗୀତ ଅନୁଷ୍ଠାନର ବାର୍ଷିକୋତ୍ସବ

**ଭଞ୍ଜନଗର,୪ା୧(ଡି.ଏନ୍.ଏ.)**

ନୃତ୍ୟାୟନ ସଙ୍ଗୀତ ଅନୁଷ୍ଠାନର ଅଷ୍ଟମ ବାର୍ଷିକୋତ୍ସବ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜେଲ ପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରବି ଦାସ ଏଥିରେ ଅଧକ୍ଷତା କରିଥିଲେ। ବେଲଗୁଣ୍ଠା ସାଇ ଆଇଟିଆଇ ଅଧକ୍ଷ ମଧୁସୂଦନ ମହାପାତ୍ର, ଜିଆର୍‌ସି ଚେୟାରମ୍ୟାନ ଅମରନାଥ ରଥ, ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ ଚେୟାରମ୍ୟାନ ଅଜିତ କୁମାର ଶତପଥୀ, ଗୋବରା ବିଶ୍ୱଭାରତୀ ବିଦ୍ୟାଳୟର ଚେୟାରମ୍ୟାନ କୁଞ୍ଜବିହାରୀ ନାୟକ, ଅଧକ୍ଷ ଡ. ବି. ପ୍ରକାଶ ଚନ୍ଦ୍ର ପାତ୍ର, ଅଧକ୍ଷ ନୃସିଂହ ଚରଣ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଶୀ ସଙ୍ଗୀତ ଗୁରୁ ଆଚାର୍ଯ୍ୟ ସିମାଞ୍ଚଳ ଦାସ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଇଂ. ଜଲାଲ ଆଦେନୀ, ଗୀତିକାର ଯୋଗାନନ୍ଦ ସାହୁ, ବଂଶୀବାଦକ ହିଂମାଶୁ ବିଧାର, ମର୍ଦ୍ଦନ ବାଦକ ଦିବାକର ପରିଡା, ନୃତ୍ୟଗୁରୁ କେ. ଦିଲ୍ଲୀପ ରାଓଙ୍କୁ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶୀ ସଙ୍ଗୀତ ଗାୟକ ଗୁରୁ ନିମାକାନ୍ତ ରାଉତରାୟ ଓ ଗୁରୁ ଆଚାର୍ଯ୍ୟ ସିମାଞ୍ଚଳ ଦାସ, ରିତିସ୍ନିଗ୍ଧା ସଙ୍ଗୀତ ପରିବେଷଣ କରିଥିଲେ।



ମଞ୍ଚାସୀନ ଅତିଥି।

**ପୂର୍ବ ତଟ ରେଳପଥ**

ସଂ.G.274/KUR DIVN/Cycle/2 Wheeler Stand-3/BAM/e-tender/2020, ତା: 30.12.2019

**ବିବରଣୀ :** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 03 (ତିନି) ବର୍ଷ ସମୟାବଧି ନିମନ୍ତେ ବ୍ରହ୍ମପୁର ରେଳ ଷ୍ଟେସନ ସ୍ଥିତ ସାଇକେଲ / ଦୁଇ ଚକିଆ ଗାଡ଼ି ପାର୍କିଙ୍ଗ୍ ଷ୍ଟାଣ୍ଡ ନଂ. 3 ପାଇଁ ଚୁକ୍ତି।

**03 (ତିନି) ବର୍ଷ ପାଇଁ ମୋଟ୍ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) :** 21,32,310.00, EMD : ₹ 2,13,200.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,540.00, କାର୍ଯ୍ୟ ସମାପ୍ତିର ଅବଧି:03 (ତିନି) ବର୍ଷ।

**ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :** 10.02.2020 ରିଖ 1600 ଘଟିକା।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)/ ଖୋର୍ଦ୍ଧା ରୋଡ଼
PR-625/K/19-20

**ବିଜ୍ଞାପନ ସଂଖ୍ୟା.2450 ପଞ୍ଚାୟତ ସମିତି କାର୍ଯ୍ୟାଳୟ , ତୁମୁଡିବନ୍ଧ, କନ୍ଧମାଳ ତାରିଖ.24.12.2019**

ଏତଦ୍ୱାରା ତୁମୁଡିବନ୍ଧ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ NSAP ଅଧୀନରେ 2019-20 ଆର୍ଥିକ ବର୍ଷର ଏପ୍ରିଲ 2019 ଠାରୁ ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ପଞ୍ଚାୟତ ସମିତିସମସ୍ତ ଗ୍ରାମ ପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ସମ୍ପାଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପ ନିମନ୍ତେ ମଷ୍ଟର ରୋଲ ତନଖି ତଥା ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ। ଉକ୍ତ ଗ୍ରାମସଭାରେ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି/ଜି.ପି.ଟି.ଏ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଉପସ୍ଥିତ ରହିବେ। ଏଣୁ ଉକ୍ତ ସଭାରେ ଜନସାଧାରଣ ନିର୍ବାଚିତ ପ୍ରତିନିଧି କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ ବହୁଳ ଭାବରେ ଯୋଗଦାନ କରି ସାମାଜିକ ସମୀକ୍ଷା କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ ଅନୁରୋଧ କରାଗଲା। ଏହି ବୈଠକରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରିଙ୍କ ସହ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜି.ଆର.ଏସ ମେଟ ଏବଂ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହି ରେକର୍ଡ ଉପସ୍ଥାପିତ କରାଇବେ।

**କାର୍ଯ୍ୟସୂଚୀ-ଗ୍ରାମ ସଭା ହେବାର ସ୍ଥାନ-ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ-ସକାଳ 10.00 ଘଟିକା**

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | [illegible] | ସାମାଜିକ ସମୀକ୍ଷା ସମୟ ସାରଣୀ (ଦସ୍ତାବିଜ ଏବଂ କ୍ଷେତ୍ର ଯାଞ୍ଚ) (NSAP) | ସାମାଜିକ ସମୀକ୍ଷା ସମୟ ସାରଣୀ (ଦସ୍ତାବିଜ ଏବଂ କ୍ଷେତ୍ର ଯାଞ୍ଚ) (MGNREGS) | ଗ୍ରାମ ପଞ୍ଚାୟତ ସ୍ତରୀୟ ସାମାଜିକ ସମୀକ୍ଷା ଗ୍ରାମ ସଭା | [illegible] | ଉପସ୍ଥିତ ହେବାକୁ ଥିବା ପଦାଧିକାରୀ |
|---|---|---|---|---|---|---|---|
| 1 | ବେଲଘର | 1 | 07.01.2020 to 10.01.2020 | 11.01.2020 to 17.01.2020 | 17.01.2020 | 29.04.20 | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |
| 2 | ଭଣ୍ଡରଙ୍ଗୀ | 2 | 07.01.2020 to 17.01.2020 | 11.01.2020 to 17.01.2020 | 17.01.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |
| 3 | ବିଲାମାଳ | 3 | 07.01.2020 to 11.01.2020 | 11.01.2020 to 17.01.2020 | 17.01.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |
| 4 | ଗୁମା | 4 | 07.01.2020 to 11.01.2020 | 11.01.2020 to 17.01.2020 | 17.01.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |
| 5 | ଝିରିପାଣି | 1 | 20.01.2020 to 23.01.2020 | 24.01.2020 to 01.02.2020 | 01.02.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି.ପି.ଟି.ଏ ଗ୍ରାମ ରୋଜଗାର ସେବକ |
| 6 | କରକୁଟୁପା | 2 | 20.01.2020 to 23.01.2020 | 24.01.2020 to 01.02.2020 | 01.02.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |
| 7 | କୁରତମଗଡ | 3 | 20.01.2020 to 23.01.2020 | 24.01.2020 to 01.02.2020 | 01.02.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |
| 8 | ଲଙ୍କାଗଡ | 4 | 20.01.2020 to 23.01.2020 | 24.01.2020 to 01.02.2020 | 01.02.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |
| 9 | ମୁଣ୍ଡିଗଡ | 1 | 03.02.2020 to 06.02.2020 | 07.02.2020 to 13.02.2020 | 13.02.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜି.ପି.ଟି.ଏ ଗ୍ରାମ ରୋଜଗାର ସେବକ |
| 10 | ସିର୍ଲା | 2 | 03.02.2020 to 06.02.2020 | 07.02.2020 to 13.02.2020 | 13.02.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |
| 11 | ତୁମୁଡିବନ୍ଧ | 3 | 03.02.2020 to 06.02.2020 | 07.02.2020 to 13.02.2020 | 13.02.2020 | | ସହକାରୀ ଯନ୍ତ୍ରି ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ ଅଫିସର ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରି, ଗ୍ରାମରୋଜଗାର ସେବକ |

**ଯାଞ୍ଚ ହେବାକୁ ଥିବା ତଥ୍ୟ-** 1.ବ୍ୟବହୃତ ହୋଇଥିବା ମଷ୍ଟରରୋଲଗୁଡିକ କ୍ରମିକ ସଂଖ୍ୟା ଓ ପ୍ରୋଗ୍ରାମ ଅଧିକାରୀ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ଠିକ ଅଛି କି ନାହିଁ? 2. ମଷ୍ଟରରୋଲ ପ୍ରଦତ୍ତ କାର୍ଯ୍ୟପତ୍ର ସଂଖ୍ୟା ଅଣକୁଶଳୀ/କୁଶଳୀ ଶ୍ରମିକ ନୁହେଁ? 3. ମଷ୍ଟରରୋଲ ପ୍ରଦର୍ଶିତ କାର୍ଯ୍ୟ ଦିବସ ଅନୁସାରେ ମାପ ହୋଇଥିବା କାର୍ଯ୍ୟର ପରିମାଣ ଓ ପ୍ରାପ୍ୟ ଠିକ କିମ୍ବା ନୁହେଁ? 4. ମଷ୍ଟରରୋଲ ଆଉଲ ଦର୍ଶାଯାଇଥିବା ବିବରଣୀ କାର୍ଯ୍ୟପତ୍ର ମଷ୍ଟରରୋଲ ମୁତାବକ ଦରଜ କରାଯାଇଛି କି ନାହିଁ? 5. ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ଯେ କୌଣସି ନଥିପତ୍ର ତନଖି କରାଯିବ। 6. ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ଯୋଗ୍ୟ ଓ ପ୍ରାପ୍ୟ ସମ୍ପର୍କେ। 7. ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ହିତାଧିକାରୀଙ୍କ ଯୋଗ୍ୟ ଅଯୋଗ୍ୟ ଓ ପ୍ରାପ୍ୟ ସମ୍ପର୍କେ। 8. ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତାହିତାଧିକାରୀଙ୍କ ଯୋଗ୍ୟ ଅଯୋଗ୍ୟ ଓ ପ୍ରାପ୍ୟ ସମ୍ପର୍କେ 9.ଜାତୀୟ ପରିବାର ମଙ୍ଗଳ ଯୋଜନା ହିତାଧିକାରୀ ପ୍ରାପ୍ୟ ସମ୍ପର୍କେ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟକ୍ରମ ଅଧିକାରୀ, ପଞ୍ଚାୟତସମିତି, ତୁମୁଡିବନ୍ଧ

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019075, ତା: 30.12.2019

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ୍ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ନିର୍ଦ୍ଦିଷ୍ଟକାଳିକ ଓଭରହଲିଂ (POH) କାରଖାନା ସ୍ଥାପନା ସମ୍ବନ୍ଧୀୟ ସଡ଼କ କ୍ରସିଂ ସର୍ବେକ୍ଷଣ, ମାଟି ଅନୁସନ୍ଧାନ, ବ୍ରିଜ୍ ଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜେନେରାଲ୍ ଆରେଞ୍ଜମେଣ୍ଟ୍ ଡ୍ରଇଂର ଡିଜାଇନ୍ ଓ ପ୍ରସ୍ତୁତି, ଫରେଷ୍ଟ ଡାଇଭରସନ୍ ପ୍ରସ୍ତାବ ନିମନ୍ତେ ନକ୍ସା ପ୍ରସ୍ତୁତି ଇତ୍ୟାଦି ଭଳି ପ୍ରାରମ୍ଭିକ କାର୍ଯ୍ୟ ଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 55.13 ଲକ୍ଷ, EMD : ₹ 1,10,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : 12(ବାର)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.01.2020ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-103/CC/19-20

## ସଂକ୍ଷେପରେ

### କଳାକାର ସଂଘର ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ, ୪।୧:** ସାଂସ୍କୃତିକ ପ୍ରତିଷ୍ଠାନ ମଞ୍ଜୋତି ପକ୍ଷରୁ 'କଳାକାର ସଂଘର ପ୍ରୟୋଜନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣ ଓଡିଶା ବରିଷ୍ଠ କଳାକାର ମହାସଂଘ ଉପଦେଷ୍ଟା ତଥା ନାଟ୍ୟକାର ସୁରେନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ଭଞ୍ଜନଗର ସଂଯୋଜକ ତଥା ଅଭିନେତା ଜୟକୃଷ୍ଣ ପଟ୍ଟନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟସ୍ତରରେ କଳାକାରମାନେ ଏକତ୍ର ହେବା ନିତାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଫାୟାର ବ୍ରିଗେଡ ହାବିଲଦାର ଧବଳେଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମଞ୍ଜୋତି ସମ୍ପାଦକ ନୃତ୍ୟାଚାର୍ଯ୍ୟ ସୁବାସ ଚନ୍ଦ୍ର ସାହୁ ରୋଷନ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରମୋଦ କୁମାର ବରାଡ ଧନ୍ୟବାଦ ଦେଇଥିଲେ। ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ମହୁରୀ ତାଲୁକା ତୈଳିକ ବୈଶ୍ୟ ସମାଜ ବୈଠକ

**ବ୍ରହ୍ମପୁର ଅଫିସ,୪।୧:** ବଡ ବଜାର କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ମହୁରୀ ତାଲୁକା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତିକୁ ଅଧିକ ସଂଗଠିତ କରିବା ସହ ଭବିଷ୍ୟତରେ ବିଭିନ୍ନ ସମାଜର ମଙ୍ଗଳ କାର୍ଯ୍ୟରେ ସାମିଲ ହେବା ନେଇ ଆଲୋଚନା କରାଯାଇଥିଲା। ସମାଜ ପାଇଁ ପୂର୍ବଜଙ୍କ ଦାନ ସମ୍ପର୍କରେ ଅବଗତ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆସନ୍ତା ୧୧ରେ ନୂତନ ବର୍ଷ ଅବସରରେ ପହିଲି ଭୋଗ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପହିଲି ଭୋଗରେ ୨୨ ତାଲୁକା କର୍ମକର୍ତ୍ତା ଓ ସମାଜର ବହୁ ଲୋକ ଯୋଗଦେବେ । ଚଳିତ ବର୍ଷ ସିବିଏସ୍‌ଇ ଓ ଓଡ଼ିଆ ମାଧ୍ୟମ ଦଶମ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସମାଜର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଭଗବାନ ସାହୁ, ବିଜୟ ଚନ୍ଦ୍ର ସାହୁ, ରବି ନାରାୟଣ ସାହୁ, ଭଗବତୀ ସାହୁ, ମଧୁସୂଦନ ବେହେରା ଓ ଦେବରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ନରସିଂହ ଦାସ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବୈଠକ

**ବ୍ରହ୍ମପୁର ଅଫିସ,୪।୧:** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ନରସିଂହ ଦାସ ହାଇସ୍କୁଲ ୧୯୭୧ ବ୍ୟାଚ ମାଟ୍ରିକ ପୁରାତନ ଛାତ୍ରଙ୍କ ବୈଠକ ବ୍ରହ୍ମପୁର ଗୋଲାପଲ୍ଲି ସାହିସ୍ଥ ରଘୁନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୬୦ ପୁରାତନ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ବିଭିନ୍ନ ଆଲୋଚନାରେ ଗନ୍ତେଇ ଗୌଡ଼, ବିରଞ୍ଚି ନାରାୟଣ ଶତପଥୀ, ବଳଭଦ୍ର ରାଜଗୁରୁ, ସହସ୍ରାଂଶୁ ପଣ୍ଡା, ଭୀମା ରାଓ, ବଂଶୀଧର ପଣ୍ଡା, କେ. ଧର୍ମାରାଓ, ଭଗବାନ ପଲେଇ, ଏମ୍. ଜୟକ୍ରିଷ୍ଣା ରାଓ ଏବଂ ବୃନ୍ଦାବନ ସାହୁ ପ୍ରମୁଖ ଭାଗ ନେଇଥିଲେ। ସମାଜର ଅସହାୟ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ମତ ପ୍ରକାଶ ପାଇଥିଲା।

ଆସ୍କାରୋଡ୍ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ: ୨ ପାଚିକାଙ୍କୁ କାର୍ଯ୍ୟରୁ ବହିଷ୍କାର ଘଟଣା

# ଆମରଣ ଅନଶନ ପରେ ମିଳିଲା ନିଯୁକ୍ତି ପ୍ରତିଶ୍ରୁତି

**ଡିଇଓ, ବିଇଓଙ୍କ ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ପାଚିକା**

ବ୍ରହ୍ମପୁର ଅଫିସ,୪।୧

ବ୍ରହ୍ମପୁର ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଚିକାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ନେଇ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ଓଡିଶା ମିଳିତ ବିଦ୍ୟାଳୟ ପାଚିକା-ସହାୟିକା ସଂଘ ପକ୍ଷରୁ ଦିଆଯାଇଥିବା ଧାରଣା ଶନିବାର ପ୍ରତ୍ୟାହୃତ ହୋଇଛି । ଗତ ୨ ତାରିଖରେ ଆନ୍ଦୋଳନରତ ଦୁଇ ପରିଚାରିକାଙ୍କ ମଧ୍ୟରୁ ଡିଇଓ ଜଣକୁ ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦେଇଥିଲେ। ଏହାପରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବା ଦାବିରେ ପରିଚାରିକା ଶୁକ୍ରବାରରୁ ଆମରଣ ଅନଶନ ଆରମ୍ଭ କରିଥିଲେ । ଅନଶନ ପରେ ଡିଇଓ ଉକ୍ତ ପରିଚାରିକାଙ୍କୁ ଅନ୍ୟ ଏକ ବିଦ୍ୟାଳୟରେ ନିଯୁକ୍ତି ନେଇ ପ୍ରତିଶ୍ରୁତି ଦେବା ପରେ ପରିଚାରିକା ଜଣଙ୍କ ଅନଶନରୁ ହଟିଥିଲେ। ସୂଚନାଯୋଗ୍ୟ, ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ପାଚିକା ଭାବେ କାର୍ଯ୍ୟକରି ଆସୁଥିବା କୁନି ସାହୁ ଓ ଗୀତା ନାୟକଙ୍କୁ କାର୍ଯ୍ୟରୁ ବହିଷ୍କାର ନେଇ ଅଭିଯୋଗ ହୋଇଥିଲା । ଏହାର ପ୍ରତିବାଦ କରି ଡିସେମ୍ବର ୧୮ରୁ ଉଭୟ ପରିଚାରିକା ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ମିଳିତ ବିଦ୍ୟାଳୟ ପାଚିକା-ସହାୟିକା ସଂଘ ସମର୍ଥନରେ ଧାରଣା ଦେଇଥିଲେ। କାର୍ଯ୍ୟର ସୁବ୍ୟବସ୍ଥା କରାଯିବାକୁ ସେମାନେ ଦାବି କରିଥିଲେ। ଦୀର୍ଘ ୧୧ ଦିନର ଧାରଣା ପରେ ଗୁରୁବାର ଗୀତା ନାୟକଙ୍କୁ ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡିଇଓ ପୁନଃ ନିଯୁକ୍ତି ଦେଇଥିଲେ । କିନ୍ତୁ କୁନି ସାହୁଙ୍କ ପୁନଃ ନିଯୁକ୍ତି ମିଳିବା ଦିଗରେ ଡିଇଓ କୌଣସି ନିଷ୍ପତ୍ତି ଗ୍ରହଣ କରି ନ ଥିଲେ । ଏହାପରେ ଶୁକ୍ରବାର କୁନି ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ। ସାରା ରାତି ବର୍ଷାରେ ଭିଜିବା ପରେ ଶନିବାର ଡିଇଓ ସନାତନ ପଣ୍ଡା ଓ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର କୁନିଙ୍କୁ ସୁବୁଦ୍ଧି ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ କୁନି ଅନଶନରୁ ଉଠିଥିଲେ। ଏହି ସମୟରେ ପାଚିକା ସଂଘ ସଭାପତି କାର୍ତ୍ତିକ ଚନ୍ଦ୍ର ମହାନ୍ତିଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଡିଇଓ କାର୍ଯ୍ୟାଳୟ ଆଗରେ ଦିଆଯାଇଥିବା ଧାରଣା ।

# ଓଏସ୍‌ସିପିସିଆର୍ ଆୟୋଗ ଅଧ୍ୟକ୍ଷାଙ୍କ ଶିଶୁ ମହିଳା ଡେସ୍କ ପରିଦର୍ଶନ



ଶିଶୁ ମହିଳା ଡେସ୍କ ପରିଦର୍ଶନ କରୁଛନ୍ତି ଓଏସ୍‌ସିପିସିଆର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ।

ବ୍ରହ୍ମପୁର ଅଫିସ,୪।୧

ବ୍ରହ୍ମପୁର ପୋଲିସ ଜିଲାର ଆଦର୍ଶ ଥାନା କୁହାଯାଉଥିବା ବଡ଼ବଜାର ଥାନାରେ ଥିବା ଶିଶୁ ମହିଳା ଡେସ୍କ ପରିଦର୍ଶନ କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ (ଓଏସସିପିସିଆର) ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ। ସେ ପ୍ରଥମେ ଶିଶୁ ମହିଳା ଡେସ୍କ ବୁଲିବା ସହ ଶିଶୁ ସୁରକ୍ଷା ଦିଗରେ ଅଧିକ ପ୍ରାଧାନ୍ୟ ଦେବାକୁ ଥାନାଧିକାରୀ ପ୍ରଶାନ୍ତ ଭୂପତିଙ୍କୁ କହିଛନ୍ତି। ବିଶେଷକରି ନିଖୋଜ ହୋଇଥିବା ଶିଶୁଙ୍କୁ ଉଦ୍ଧାର କରିବା ସହ ଶିଶୁ ଚାଲାଣ ରୋକିବା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ପରିଦର୍ଶନ ବେଳେ ତାଙ୍କ ସହ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡ଼ଙ୍ଗୀ, ଏଚଆରପିସି ଡିଏସ୍‌ପି ଜେକେ ପଟ୍ଟନାୟକ, ଇନ୍ସପେକ୍ଟର ସବିତାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ସମ୍ପର୍କିତ ମାମଲାଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ଓଏସ୍‌ସିପିସିଆର ଅଧ୍ୟକ୍ଷା ପ୍ରଧାନ ଥାନାଧିକାରୀଙ୍କୁ କହିଥିଲେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୫।୧।୨୦୨୦(ରବିବାର)

- ମହାନ୍ ବିପ୍ଳବୀ ଚକରା ବିଷୋୟୀ ଜୟନ୍ତୀ ଉତ୍ସବ। ସ୍ଥାନ- କୁଇ ସମାଜ ୟୁନିୟନ କାର୍ଯ୍ୟାଳୟ ପରିସର, ଜି.ଉଦୟଗିରି, ସମୟ-ପୂର୍ବାହ୍ନ ୧୦ଟା।
- ମା' ଚାମୁଣ୍ଡାଦେବୀଙ୍କ ପୀଠରେ ମହାଯଜ୍ଞ ପ୍ରସ୍ତୁତି ସଭା। ସ୍ଥାନ-ଦଧିବାମନ ମନ୍ଦିର ପ୍ରାଙ୍ଗଣ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ଅଭିଭାବକ ସମ୍ମିଳନୀ। ସ୍ଥାନ-ନ୍ୟୁଏରା ପବ୍ଲିକ ସ୍କୁଲ ବୁଗୁଡ଼ା, ସମୟ- ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନ୍‌ଶିପ୍। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ହିଲ୍‌ପାଟଣା, ସମୟ- ଅପରାହ୍ନ ୩ଟା।
- ମହାନଗର ମହୋତ୍ସବ ଲୋଗୋ ଉନ୍ମୋଚନ। ସ୍ଥାନ-ସର୍କିଟ ହାଉସ୍, ସମୟ- ସକାଳ ୮ଟା ୩୦ ମିନିଟ୍।
- ସିଏଏ,ଏନ୍‌ଆରସି ଓ ଏନ୍‌ପିଆର ଉପରିସ୍ଥ ଆଲୋଚନା ଚକ୍ର। ସ୍ଥାନ-ପ୍ରକାଶମ ହଲ, ସମୟ-ପୂର୍ବାହ୍ନ ୧୦ଟା।

### ୬।୧।୨୦୨୦ (ସୋମବାର)

- ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ପକ୍ଷରୁ ପରିବାର ନିୟୋଜନ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ସୁପର ଭାଇଜରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ ସଭାଗୃହ, ସମୟ- ମଧ୍ୟାହ୍ନ ୧୨ଟା।
- ସ୍ୱଚ୍ଛ ଭାରତ ସର୍ବେକ୍ଷଣ ୨୦୨୦ ସଚେତନତା ସଭା। ସ୍ଥାନ- ଦିଗପହଣ୍ଡି ଏନ୍‌ଏସି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ-ଅପରାହ୍ନ ୨ଟା।
- ସିଆର୍‌ସିସିମାନଙ୍କ ତାଲିମ ଶିବିର। ସ୍ଥାନ- ବିଇଓ କାର୍ଯ୍ୟାଳୟ ବୁଗୁଡ଼ା, ସମୟ-ପୂର୍ବାହ୍ନ ୧୦ଟା।

### ୭।୧।୨୦୨୦(ମଙ୍ଗଳବାର)

- ଖେମୁଣ୍ଡି ମହୋତ୍ସବ ପାଇଁ ପ୍ରସ୍ତୁତି ସଭା। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ-ପୂର୍ବାହ୍ନ ସାଢ଼େ ୧୧ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ସମୟ- ସକାଳ ୯ଟା।
- ବାଲିପଦର ମହୋତ୍ସବ ପ୍ରଥମ ସନ୍ଧ୍ୟା। ସ୍ଥାନ-ବାଲିପଦର, ସମୟ- ସନ୍ଧ୍ୟା ୬ଟା।

### ୮।୧।୨୦୨୦ (ବୁଧବାର)

- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ଭାରତ ସର୍ବେକ୍ଷଣ ୨୦୨୦ ସଚେତନତା ସଭା। ସ୍ଥାନ- ଏନ୍‌ଏସି କଲ୍ୟାଣ ମଣ୍ଡପ, ଦିଗପହଣ୍ଡି, ସମୟ- ଅପରାହ୍ନ ୨ଟା।
- ବାଲିପଦର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା। ସ୍ଥାନ-ବାଲିପଦର, ସମୟ- ସନ୍ଧ୍ୟା ୬ଟା।

### ୯।୧।୨୦୨୦ (ଗୁରୁବାର)

- ସମୂହ ପ୍ରଶାସନିକ ଶୃଙ୍ଖଳା କମିଟି ପକ୍ଷରୁ ଆଲୋଚନା ସଭା। ସ୍ଥାନ- ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୧ଟା।
- ଅଣ ସଂକ୍ରାମକ ରୋଗର ପରୀକ୍ଷା ଓ ପରାମର୍ଶ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ସକାଳ ୯ଟା।
- ଅବକାରୀ- ପୋଲିସ- ପ୍ରଶାସନର ସମନ୍ୱୟ ବୈଠକ। ସ୍ଥାନ- ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ, ସମୟ- ମଧ୍ୟାହ୍ନ ୧୨ଟା।
- ବାଲିପଦର ମହୋତ୍ସବ ଉଦ୍‌ଯାପନ ଉତ୍ସବ। ସ୍ଥାନ-ବାଲିପଦର , ସମୟ- ସନ୍ଧ୍ୟା ୬ଟା।
- ତୃତୀୟ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପନୀ। ସ୍ଥାନ-ପ୍ରକାଶମ ହଲ, ସମୟ-ସନ୍ଧ୍ୟା ୬ଟା

### ୧୦।୧।୨୦୨୦ (ଶୁକ୍ରବାର)

- ବ୍ଲକସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୨ଟା।
- ମିଳିତ ସଫେଇ ଅଭିଯାନ ଓ ସଚେତନତା ସଭା। ସ୍ଥାନ- ଦିଗପହଣ୍ଡି ଏନ୍‌ଏସି ବିଭିନ୍ନ ୱାର୍ଡ ଅଧୀନ ସାହି ଓ ବସ୍ତି, ସମୟ- ଅପରାହ୍ନ ୩ଟା।
- ବୁଦ୍ଧଖୋଲ ମହୋତ୍ସବ ଉଦ୍‌ଘାଟନ ଉତ୍ସବ। ସ୍ଥାନ-ବୁଦ୍ଧଖୋଲ (ବୁଗୁଡ଼ା), ସମୟ- ସନ୍ଧ୍ୟା ୬ଟା।

### ୧୧।୧।୨୦୨୦ (ଶନିବାର)

- ଆବାସ ଓ ସ୍ୱଚ୍ଛଭାରତ ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ-ଅପରାହ୍ନ ୨ଟା।
- ବୁଦ୍ଧଖୋଲ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା। ସ୍ଥାନ-ବୁଦ୍ଧଖୋଲ (ବୁଗୁଡ଼ା), ସମୟ- ସନ୍ଧ୍ୟା ୬ଟା।

# ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ

ବ୍ରହ୍ମପୁର ଅଫିସ, ୪।୧

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପ୍ରତିଷ୍ଠାତା ବିଶ୍ୱନାଥ ପଣ୍ଡିତଙ୍କ ୧୦୧ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ହିନ୍ଦ ମଜଦୁର ସଂଘ ନେତା ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତଙ୍କ ତ୍ୟାଗପୂତ ଜୀବନ, ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ମେହେନ୍ତର ସଂଘ, କେନ୍ଦୁପତ୍ର ସଂଘ ଭଳି ରାଜ୍ୟର ଅଗଣିତ ଅଣସଂଗଠିତ ଶ୍ରମିକମାନଙ୍କୁ ଏକାଠି କରିବାରେ ବିଶ୍ୱନାଥଙ୍କ ଉଦ୍ୟମ ଇତିହାସରେ ଲିପିବଦ୍ଧ ହୋଇ ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ପଣ୍ଡିତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ବ୍ରହ୍ମପୁର ଶାଖା ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଗଠନ ଉପସଭାପତି ସୁକାନ୍ତ ମୁଖୀ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଆଇନ ପରାମର୍ଶଦାତା ପ୍ରଦୀପ କୁମାର ବେହେରା, ଅନ୍ୟତମ ଉପଦେଷ୍ଟା ସଞ୍ଜିତ ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଲାଲୁ ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଭାବେ ରାଜୁ ଚିନ୍ନା, ଯୁଗ୍ମ ସମ୍ପାଦକ ରବି ନାରାୟଣ ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ସଂଗଠନ ସମ୍ପାଦକ ସନାତନ ନାୟକ, ଏନ. ନିରଞ୍ଜନ ଦାସ ଓ ରାଜଲକ୍ଷ୍ମୀ ସାହୁ, କାର୍ଯ୍ୟାଳୟ ସମ୍ପାଦକ ବି. ଚନ୍ଦୁ ପାତ୍ର, କୋଷାଧ୍ୟକ୍ଷ ସନିଆ ନାୟକ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ତାରିଣୀ କହ୍ନେଇ, ବିଭୂତି ଭୂଷଣ ମିଶ୍ର, ଏମ୍. ଉଷାରାଣୀ, ଗୌରୀ ଘଡ଼େଇ, ହରିହର ଚିନ୍ନା, ଉମା ଚୌଧୁରୀ, ନୀଳାଦ୍ରି ପାତ୍ର, ଆନନ୍ଦ ମିଶ୍ର, ଗୌରହରି ମହାପାତ୍ର, ରାମ ଗୌଡ଼, ସନାତନ ନାୟକ, ସିଏଚ୍ ସୁନୀଲ ପାତ୍ର, ନନ୍ଦିନୀ ସାମନ୍ତରା, ରମେଶ ରାଓ, ମୁରଲୀ ରାଜୁ, ବିଷ୍ଣୁ, ଘନଶ୍ୟାମ ସାହୁ, ପୂର୍ଣ୍ଣ ରେଡ୍ଡୀ, ଲକ୍ଷ୍ମୀ ପାତ୍ର, ମନୋଜ ନାୟକ, ଜ୍ୟୋତ୍ସ୍ନା ତ୍ରିପାଠୀ ଓ ମଞ୍ଜୁ ନାୟକ ପ୍ରମୁଖ ଶପଥ ପାଠ କରିଥିଲେ।

# ୮ରେ ଗ୍ରାମୀଣ ଭାରତ ବନ୍ଦ ପାଳନ

ବ୍ରହ୍ମପୁର ଅଫିସ,୪।୧



ଖବରଦାତା ସମ୍ମିଳନୀରେ ଭାଲଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ ।

**ଏଆଇକେଏମ୍‌ଏସ୍‌ର ଘୋଷଣା**

**■ କୃଷି ଓ କୃଷକଙ୍କ ସଂକଟ ମୁକ୍ତିରେ କେନ୍ଦ୍ର ସରକାର ବିଫଳ ଅଭିଯୋଗ**

କୃଷିର ବିକାଶ ବାଧାପ୍ରାପ୍ତ ହୋଇଛି ଏବଂ କୃଷକଙ୍କ ସଙ୍କଟ ବଢ଼ି ଚାଲିଛି। ଏହାର ସମାଧାନରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଭାଜପା ସରକାର ବିଫଳ ହୋଇଥିବା ଅଖିଳ ଭାରତ କିଷାନ ମଜଦୁର ସଭା(ଏଆଇକେଏମ୍‌ଏସ୍) ସଙ୍ଗିନ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଆସନ୍ତା ୮ରେ ଗ୍ରାମୀଣ ଭାରତ ବନ୍ଦ ଘୋଷଣା କରିଛି ଏଆଇକେଏମ୍‌ଏସ୍। ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶନିବାର ବ୍ରହ୍ମପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆହୁରି ମଧ୍ୟ ମିଛ ପ୍ରତିଶ୍ରୁତି ଦେବାରେ ମୋଦି ସରକାର ଏକ ନମ୍ବର ହୋଇଥିବା ସମାଲୋଚନା କରାଯାଇଛି। କେବଳ କର୍ପୋରେଟ ସପକ୍ଷବାଦୀ ନୀତି ଚଳାଇ ଦେଶବାସୀଙ୍କୁ ବିଭ୍ରାନ୍ତ କରାଯାଉଥିବା ଅଭିଯୋଗ ହୋଇଛି।

ଏଆଇକେଏମ୍‌ଏସ୍ ଜାତୀୟ କମିଟି ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ, ଫସଲ ଉତ୍ପାଦନ ପାଇଁ ଖର୍ଚ୍ଚ ବଢ଼ି ଚାଲିଥିବା ବେଳେ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଉ ନ ଥିବାରୁ କୃଷକଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡୁଛି। ଅପରପକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଶ୍ରମିକଙ୍କ ମଜୁରି ୨୦୧୩ରୁ ବୃଦ୍ଧି କରାଯାଇ ନ ଥିବାରୁ ସେମାନଙ୍କ ଅବସ୍ଥା ଦୟନୀୟ ହୋଇଯାଇଛି। ମଜୁରି ବୃଦ୍ଧି ନିମନ୍ତେ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଏନ୍‌ଡିଏ ସରକାରଙ୍କ ଆଦିବାସୀ ବିରୋଧୀ ନୀତିର ମଧ୍ୟ ଷଡ଼ଙ୍ଗୀ ସମାଲୋଚନା କରିଥିଲେ । ଖବରଦାତା ସମ୍ମିଳନୀରେ ରାଜ୍ୟ କମିଟି ସମ୍ପାଦକ ପ୍ରତାପ ନାୟକ, ଜିଲା କମିଟି ଉପସଭାପତି ପୀତବାସ ପ୍ରଧାନ, ସଦସ୍ୟ ଲଡୁ କିଶୋର ଡ଼ାକୁଆ, ରାଜ୍ୟ କମିଟି ଉପସଭାପତି ରଘୁନାଥ ନାହାକ ଉପସ୍ଥିତ ଥିଲେ। ଏବେ ଚାଷ ଓ ଚାଷୀ ସଙ୍କଟରେ ପଡ଼ିଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ୟାର ସମାଧାନରେ ଆଖିବୁଜି ଦେଇଥିବା ସମାଲୋଚନା କରାଯାଇଥିଲା। ପ୍ରତିବାଦରେ ଆସନ୍ତା ୮ରେ ଏଆଇକେଏମ୍‌ଏସ୍ ଡ଼ାକରା ଦେଇଥିବା ବନ୍ଦକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଆନ୍ଦୋଳନରେ ଗାଁ ଗଣ୍ଡାର ଚାଷୀମାନେ ସାମିଲ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ସିଏଏ ଓ ଏନ୍‌ଆରସିକୁ ବିରୋଧ କରି ବିଭିନ୍ନ ସଂଗଠନ ପକ୍ଷରୁ ୮ତାରିଖରେ ସର୍ବଭାରତୀୟ ଧର୍ମଘଟ ଡ଼ାକରା ଦିଆଯାଇଛି। ଏହାକୁ ବିରୋଧୀ ଦଳ ଓ ବାମପନ୍ଥୀମାନେ ସମର୍ଥନ ଜଣାଇଛନ୍ତି। ଅନ୍ୟପକ୍ଷରେ ସେହିଦିନ ଛାତ୍ର ସଂଗଠନ ଡିଏସ୍‌ଓ ଦେଶ ବ୍ୟାପୀ ଛାତ୍ର ଧର୍ମଘଟ ଘୋଷଣା କରିଥିବା ବେଳେ ଏଆଇକେଏମ୍‌ଏସ୍ ମଧ୍ୟ କୃଷକ ଓ ଚାଷୀଙ୍କୁ ନେଇ ଗ୍ରାମୀଣ ଭାରତ ବନ୍ଦ ପାଳନର ନିଷ୍ପତ୍ତି ନେଇଛି।


ଶାମ୍ବଦଶମୀ ପାଇଁ କମାପଲ୍ଲୀ ରାସ୍ତାକଡରେ ପୂଜା ସାମଗ୍ରୀ ବିକ୍ରି ହେଉଛି ।


ବ୍ରହ୍ମପୁର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ହିଲପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆୟୋଜିତ ଦ୍ୱିତୀୟ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନ୍‌ଶିପ୍ ଉଦ୍‌ଘାଟନୀ ଦିବସରେ ଖେଳାଳିମାନେ କୌଶଳ ପ୍ରଦର୍ଶନ କରୁଛନ୍ତି । (ଫଟୋ-ସମୀର)

# ଗ୍ରୀନ୍ ଇଣ୍ଡିଆ ମୁଖ୍ୟ ପ୍ରଦୀପଙ୍କୁ ଜାମିନ

ବ୍ରହ୍ମପୁର ଅଫିସ,୪।୧

ବ୍ରହ୍ମପୁର ସହରରେ ଥିବା ଗ୍ରୀନ୍ ଇଣ୍ଡିଆ ଚିଟଫଣ୍ଡର ମୁଖ୍ୟ ପ୍ରଦୀପ ସିଂ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପ୍ରଦୀପ ହାଇକୋର୍ଟରୁ ଜାମିନ ପାଇଥିବା ସମସ୍ତ କାଗଜପତ୍ର ଶନିବାର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦାଖଲ କରିଥିଲେ। ପରେ ଏସ୍‌ଡିଜେଏମ୍ ତାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜାମିନ ପ୍ରଦାନ କରିଛନ୍ତି। ୨୦୦୭ରେ ରମେଶ ଜେନାଙ୍କୁ ପୋଲିସ ଗିରଫ କରିବା ବେଳେ ସେଠାରେ ରାସ୍ତାରୋକୋ କରାଯାଇଥିଲା। ପୋଲିସ ସେହି ସମୟରେ ଅନେକଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ପ୍ରଦୀପଙ୍କ ନାମ ମଧ୍ୟ ଥିଲା । ଦୀର୍ଘ ୧୩ ବର୍ଷ ପରେ ଶନିବାର ପ୍ରଦୀପ ତାଙ୍କ ଓକିଲ ସରୋଜ ଗୌଡ଼ଙ୍କ ଜରିଆରେ କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଯାଇଛନ୍ତି।

ସୂଚନାଯୋଗ୍ୟ, ୨୦୦୯ରୁ ୨୦୧୪ ମଧ୍ୟରେ ଗ୍ରୀନ୍ ଇଣ୍ଡିଆ ଚିଟଫଣ୍ଡ ସଂସ୍ଥା ବ୍ରହ୍ମପୁର ଏବଂ ଗଞ୍ଜାମ ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ କୋଟି କୋଟି ଟଙ୍କା ଠକି ନେଇଥିଲା । ଅଭିଯୋଗ ପରେ ପୋଲିସ ଗ୍ରୀନ୍ ଇଣ୍ଡିଆ ମୁଖ୍ୟ ପ୍ରଦୀପ ସିଂଙ୍କୁ ଗିରଫ କରିଥିଲା । ଟଙ୍କା ଠକେଇ ମାମଲାରେ ପ୍ରଦୀପ କିଛିଦିନ ଜେଲରେ ରହିବା ପରେ ଜାମିନ ପାଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ଜାନୁୟାରୀ ୫/୨୦୨୦ Berhampur,Sunday, January 5/ 2020

## ସଂକ୍ଷେପରେ

### ଟ୍ରେଲର ସହ ବାଇକ୍ ଧକ୍କା, ଚାଳକ ଗୁରୁତର

କୋଟଗଡ,୪।୧(ଡି.ଏନ.ଏ.)- କନ୍ଧମାଳ ଜିଲା ମଦାଙ୍ଗି ଗ୍ରାମ କେଶ୍ରାଗୁଡା ଛକ ନିକଟରେ ଶନିବାର ସକାଳ ପ୍ରାୟ ୧୦ଟାରେ ଏକ ଦୁର୍ଘଟଣା ହୋଇଛି। ଏକ ଟ୍ରେଲର (ନଂ.ଏପି-ଯୁ-୦୭୯୯) ଶ୍ରୀରାମପୁରରୁ କୋଟଗଡ ଆସୁଥିଲା। କେଶ୍ରାଗୁଡ଼ା ନିକଟରେ ଏକ ବାଇକ୍‌କୁ ଧକ୍କା ହେଇଥିଲା। ଫଳରେ ଚାଳକ ଗୁରୁତର ହୋଇଥିଲେ। ସେହେଲେ ଝରିଘାଟ ଗ୍ରାମର ଜନସନ ବିଶିମାଝି (୨୦)। ଗୁରୁତରଙ୍କୁ ପ୍ରଥମେ କୋଟଗଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ବୁଗୁଡ଼ା ଏନ୍‌ଏସି ପ୍ରଶାସନର ଚଢ଼ାଉ, ପଲିଥିନ ଜବତ

ବୁଗୁଡ଼ା,୪।୧(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଦୋକାନରେ ଶନିବାର ଚଢ଼ାଉ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ଏନଏସି କର୍ମଚାରୀମାନେ ସହରର ୬ଟି ବିଭିନ୍ନ ଦୋକାନରେ ଚଢ଼ାଉ କରି ୮ କେଜି ପଲିଥିନ ଜବତ କରିବା ସହ ସେମାନଙ୍କ ଠାରୁ ୧ ହଜାର ୯ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ସହରର ବିଭିନ୍ନ ଦୋକାନରେ ପଲିଥିନ ବ୍ୟବହାର ନ କରିବାକୁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଚଢ଼ାଉରେ ନୋଡାଲ ଅଧିକାରୀ କାଳୁଚରଣ ରଥ, ଜଗଦୀଶ ପଣ୍ଡା, ରାମକୃଷ୍ଣ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପ୍ରଧାନ, ପୀତବାସ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

### ଟ୍ରାକ୍ଟର ଓଲଟି ଜଣେ ମୃତ, ଚାଳକ ଗୁରୁତର

ଚିକିଟି,୪।୧(ଡି.ଏନ.ଏ.)-ଚିକିଟି ଫାଣ୍ଡି ନିଗମାନନ୍ଦ ଆଶ୍ରମ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋଳନ୍ଥରା ଥାନା ଜୁଗୁଡ଼ି ଅଞ୍ଚଳର ଶିଶିର ଦାସ (୨୧) ଓ ଗୁରୁତର ପ୍ରମୋଦ ଦାସ (୩୫)। ଜୁଗୁଡ଼ିରୁ ଧାନ ବୋଝେଇ କରି ଟ୍ରାକ୍ଟରଟି ଚିକିଟି ଅଭିମୁଖେ ଆସୁଥିବା ବେଳେ ନିଗମାନନ୍ଦ ଆଶ୍ରମ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଆଶ୍ରମର ସଦସ୍ୟମାନେ ଆହତଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶିରଙ୍କୁ ମୃତ ଘୋଷଣା କରିଥିଲେ। ଚିକିଟି ଫାଣ୍ଡି ଅଧିକାରୀ ବିଜୟ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି। ରବିବାର ବ୍ରହ୍ମପୁର ବଡ଼ ମେଡିକାଲକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

■ ଗୁଗଲ୍‌ରେ ସର୍ଚ୍ଚ କରି ଲଜ୍ ବୁକିଂ ମହଙ୍ଗା ପଡ଼ିଲା

# ଠକାମିର ଶିକାର ହେଲେ ପର୍ଯ୍ୟଟକ, ଲଜ୍ ମାଲିକ ଗିରଫ

**ଗୋପାଳପୁର,୪।୧**

ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳର କେତେଜଣ ପର୍ଯ୍ୟଟକ ଗୋପାଳପୁର ବେଳାଭୂମି ବୁଲିବା ପାଇଁ ଯୋଜନା କରିଥିଲେ। ଏନେଇ ଗୁଗଲ୍‌ରେ ସର୍ଚ୍ଚ କରି ଗୋପାଳପୁର ବେଳାଭୂମିରେ ଥିବା ଏକ ରିସର୍ଟ ମ୍ୟାନେଜରଙ୍କ ମୋବାଇଲ ନମ୍ବର ପାଇଥିଲେ। ତାଙ୍କୁ ଫୋନ କରି ୧୭ଟି ରୁମ୍ ବୁକିଂ କରିବା ସହ ଅଗ୍ରିମ ବାବଦକୁ ୩୦ ହଜାର ଟଙ୍କା ସେ ଦେଇଥିବା ଆକାଉଣ୍ଟକୁ ପଠାଇଥିଲେ। ମାତ୍ର ୪ ତାରିଖରେ ଆସି ଗୋପାଳପୁରରେ ପହଞ୍ଚିବାପରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଥିବା ଜାଣିବାକୁ ପାଇଥିଲେ। ହୋଟେଲରେ ରୁମ୍ ନ ମିଳିବାରୁ ଶେଷରେ ଥାନାର ଦ୍ୱାରସ୍ଥ ହେବାପରେ ପୋଲିସ ହୋଟେଲ ମାଲିକଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ୧୩ ସେପ୍ଟେମ୍ବର ୨୦୧୯ରେ ଚବିଶିପ୍ରଗଣା ଅଞ୍ଚଳର ଲକ୍ଷ୍ମଣ ତାଲୁକଦାର ଗୁଗୁଲ୍‌ରେ ସର୍ଚ୍ଚ କରି ଗୋପାଳପୁର ବେଳାଭୂମିରେ ଥିବା ସି ଭ୍ୟୁ ରିସୋର୍ଟ ମ୍ୟାନେଜର ତମଲ ବାନାର୍ଜୀଙ୍କ ଫୋନ ନମ୍ବର ପାଇଥିଲେ। ତାଙ୍କୁ କଲ୍ କରି ଜାନୁୟାରୀ ୪ ଓ ୫ ପାଇଁ ୧୭ଟି ରୁମ ବୁକ୍ କରିଥିଲେ। ଭଡା ବାବଦକୁ ୩୦ ହଜାର ଟଙ୍କା ଦେବାକୁ ବାନାର୍ଜୀ କହିଥିଲେ। ବାନାର୍ଜୀ ତାଙ୍କର ଜଣେ ସାଙ୍ଗଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇ ସେଥିରେ ୨୫ ହଜାର ଟଙ୍କା ଅଗ୍ରିମ ପୈଠ କରିବାକୁ କହିଥିଲେ। ତାଲୁକଦାର ଉକ୍ତ ଆକାଉଣ୍ଟରେ ୨୫ ହଜାର ଟଙ୍କା ଡିପୋଜିଟ୍ କରିଥିଲେ। ଶୁକ୍ରବାର ବାନାର୍ଜୀଙ୍କୁ ଫୋନ କରି ଶନିବାର ସକାଳେ ପହଞ୍ଚିବୁ ବୋଲି କହିଥିଲେ। ୬୦ ଜଣ ପର୍ଯ୍ୟଟକ ଏକ ଟୁରିଷ୍ଟ ବସ୍ ଯୋଗେ ଶନିବାର ସକାଳେ ଗୋପାଳପୁର ବେଳାଭୂମିରେ ପହଞ୍ଚିଥିଲେ। ସି ଭ୍ୟୁ ରିସୋର୍ଟ ଲଜ୍‌କୁ ଯାଇ ମାଲିକ ସୁବାଶିଷ ଦତ୍ତଙ୍କ ସହ ତାଲୁକ୍‌ଦାର ରୁମ୍ ବିଷୟରେ ଆଲୋଚନା କରିଥିଲେ। ମାତ୍ର ସେ ଏ ବିଷୟରେ କିଛି ଜାଣିନାହାନ୍ତି, ତେଣୁ ରୁମ୍ ଦେଇପାରିବେ ନାହିଁ ବୋଲି କହିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ପର୍ଯ୍ୟଟକମାନେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଲଜ୍‌କୁ ଯାଇ ମାଲିକଙ୍କ ସହ ଆଲୋଚନା କରିଥିଲେ। କୌଣସି ସମାଧାନ ନ ହେବାରୁ ନଂ.୧/୨୦ରେ ମାମଲା ରୁଜୁ କରି ଲଜ୍ ମାଲିକ ସୁବାଶିଷଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛନ୍ତି। କମଲ ବାନାର୍ଜୀ ଫେରାର ହୋଇଯାଇଛନ୍ତି। ପୋଲିସ ଉକ୍ତ ପର୍ଯ୍ୟଟକଙ୍କୁ ରହିବା ପାଇଁ ୟୁଥ୍ ହଷ୍ଟେଲ ଓ ଗୋପାଳପୁର ନୂଆ ବସ୍‌ଷ୍ଟାଣ୍ଡରେ ରୁମ୍ ଯୋଗାଇଥିବା ଜଣାପଡ଼ିଛି।

## ଗଞ୍ଜେଇ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ: ୨ ଗିରଫ



ଜବତ ଗଞ୍ଜେଇ ଓ ଭ୍ୟାନ ସହ ଗିରଫ ଅଭିଯୁକ୍ତ।

**ଆସିକା,୪।୧(ଡି.ଏନ୍.ଏ.)**

ଆସିକା-ବାଲିପଦର ମୁଖ୍ୟରାସ୍ତାର ଚାରିମଇଲି ନିକଟସ୍ଥ ଦାସନାପଲ୍ଲୀ ଛକରୁ ପୋଲିସ ଶୁକ୍ରବାର ମଧ୍ୟାହ୍ନରେ ଏକ ଗଞ୍ଜେଇ ଓ ଭାଙ୍ଗ ବୋଝେଇ ପିକ୍‌ଅପ୍ (ନଂ. ଓଡି୦୨ଏଇ-୯୯୬୦) ଭ୍ୟାନ ଜବତ କରିଥିଲା। ୨୭ଟି ବସ୍ତାରେ ଏହି ଗଞ୍ଜେଇ ଓ ଭାଙ୍ଗ ରହିଥିଲା। ଜବତ ଗଞ୍ଜେଇ ଓ ଭାଙ୍ଗର ପରିମାଣ ୮ କ୍ୱିଣ୍ଟାଲ ଓ ଏହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ମୋହନାରୁ ଆସିକା ଓ ନୟାଗଡ ଦେଇ ପୁରୀ ଚାଲାଣ କରୁଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଦାସନାପଲ୍ଲୀ ଛକରେ ପୋଲିସ ଯାନବାହନ ଯାଞ୍ଚବେଳେ ଏଥିରୁ ଗଞ୍ଜେଇ ଭାଙ୍ଗ ମିଳିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀଜିଲା ଚନ୍ଦନପୁରର ଅନିଲ୍ ଦାସ ଓ ନୟାଗଡ ଜିଲ୍ଲା ଓଡଗାଁର ଜ୍ୟୋତି ପ୍ରକାଶ ମହାପାତ୍ର। ନଂ.୩/୨୦ରେ ଏକ ମାମଲା ରୁଜୁକରି ଗିରଫ ଅଭିଯୁକ୍ତଙ୍କୁ ଶନିବାର ଆସିକାସ୍ଥିତ ଅତିରିକ୍ତ ଜିଲାଜଜଙ୍କ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିବା ପ୍ରକାଶ।

## ଦାରିଙ୍ଗବାଡି-ବ୍ରାହ୍ମଣୀଗାଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ



ଦାରିଙ୍ଗବାଡି-ବ୍ରାହ୍ମଣୀ ଗାଁ ପଙ୍ଗାଲି ଘାଟିରେ କୁହୁଡି ଆଚ୍ଛାଦିତ ରାସ୍ତା।

**ଦାରିଙ୍ଗବାଡି,୪।୧(ଡି.ଏନ.ଏ)**

**କୋହଲା ପାଗ, କୁହୁଡ଼ି ଜାରି**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଶନିବାର ମଧ୍ୟ କୁହୁଡି ସାଙ୍ଗକୁ କୋହଲା ପାଗ ଜାରି ରହିଥିଲା। ଦାରିଙ୍ଗବାଡି କଫି ବଗିଚା ଠାରୁ ବ୍ରାହ୍ମଣୀଗାଁ ରାସ୍ତାର ସିକରମାହା, ଛଡାକିଆ, ଦାସିଂବାଡି ପର୍ଯ୍ୟନ୍ତ ଘନ କୁହୁଡି ଯୋଗୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୂର୍ତ୍ତ ବିଭାଗ ରାସ୍ତା ଉପରେ ଏକାଧିକ ଗାଡିମୋଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଦାରିଙ୍ଗବାଡିକୁ ଆସିଥିବା ପର୍ଯ୍ୟଟକମାନେ କୁହୁଡି ଏବଂ ଥଣ୍ଡାର ମଜା ନେଇଥିଲେ। ସେହିପରି କୋହଲା ପାଗ ଯୋଗୁ ଦିନରେ ଶୀତ ପ୍ରକୋପ ବୃଦ୍ଧି ପାଇଛି। ଅଞ୍ଚଳର କିଛି ସ୍ଥାନରେ ଝିପିଝିପି ବର୍ଷା ହୋଇଥିବା ଜଣାପଡିଛି। ଅତ୍ୟଧିକ କୁହୁଡି ଯୋଗୁ ଗାଡିମୋଟର ଚଳାଇବା ମୁସ୍କିଲ ହେବା ସହ ରାସ୍ତା ଜଣାପଡୁ ନ ଥିବାରୁ ଦୁର୍ଘଟଣା ଘଟୁଛି। କୋହଲା ପାଗ ଓ କୁହୁଡି ଆଚ୍ଛାଦିତ ହୋଇ ରହିଥିବାରୁ ଲୋକମାନଙ୍କୁ କାମଧନ୍ଦାକୁ ଯିବା କଷ୍ଟକର ହୋଇପଡୁଛି।

## ପୃଥକ୍ ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

**ଦାରିଙ୍ଗବାଡ଼ି,୪।୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଅଞ୍ଚଳରେ ଘନକୁହୁଡି ଯୋଗୁ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦାରିଙ୍ଗବାଡ଼ି ଥାନା କାଜୁରିପାଙ୍ଗା ଅଞ୍ଚଳର ଅନନ୍ତ ନାୟକ। ଅନନ୍ତ ପୁଅ ଯୋଶେଫଙ୍କ ସହ ଶୁକ୍ରବାର ଏକ ଲୁନା ଯୋଗେ ଦାରିଙ୍ଗବାଡ଼ି ଅଭିମୁଖେ ଆସୁଥିଲେ। ପଙ୍ଗାଲି ଗ୍ରାମ ନିକଟ ରାସ୍ତା ଉପରେ ଦୁର୍ଘଟଣାରେ ଏକ ଛେଳି ମରି ପଡିଥିଲା। ଅନନ୍ତ ଦେଖି ନ ପାରିବାରୁ ମଲା ଛେଳି ଉପରେ ଲୁନା ଚଢି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଦାରିଙ୍ଗବାଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଫୁଲବାଣୀ ନେବା ବାଟରେ ମୃତ୍ୟୁ ଘଟିଥିଲା। ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଗୋଟିଏ ବାଇକରେ ଥିବା ଦନେକବାଡ଼ି ପଞ୍ଚାୟତ ମାଣ୍ଡୁବାଡ଼ି ଗ୍ରାମର ଲକପତି ବଳିଆର ସିଂ(୬୫)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କ ପୁଅ ଅଜିତ ବାଇକ ଚଳାଉଥିବା ବେଳେ ସେ ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟଏକ ବାଇକରେ ଥିବା ତଜଡ଼ବାଡ଼ିର ଜିତେନ୍ଦ୍ର ପ୍ରଧାନ ଏବଂ ରାଇକିଆ ଅଞ୍ଚଳର ଅଙ୍ଗଦ ପ୍ରଧାନ ସାମାନ୍ୟ ଆହତ ହୋଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମିସ୍ତ୍ରିଙ୍କ ମୃତ୍ୟୁ

**କୁକୁଡାଖଣ୍ଡି,୪।୧(ଡି.ଏନ.ଏ.)**

ସଦର ଥାନା ଅନ୍ତର୍ଗତ ଅଳକାପୁରୀଠାରେ ଏକ ନିର୍ମାଣାଧୀନ କୋଠାରେ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁଟବଗଡ ଗ୍ରାମର ସନ୍ତୋଷ ପ୍ରଧାନ (୨୨)। ମୃତକ ସନ୍ତୋଷଙ୍କ ଭାଇ ଦିବାକରଙ୍କ ଏତଲା କ୍ରମେ ପୋଲିସ ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ଉଷା ଦାସ ତଦନ୍ତ ଚଳାଇଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ କହିଛନ୍ତି। ଅଳକାପୁରୀ ୩ୟ ଲାଇନରେ ଗୋପାଳକୃଷ୍ଣ ପାଢୀଙ୍କ ଘର କାମ ଚାଲିଥିବା ବେଳେ ବୋରୱେଲ ପାଖରେ ଥିବା ବିଦ୍ୟୁତ୍ ତାର ସନ୍ତୋଷକୁ ଲାଗି ଯାଇଥିଲା। ତାଙ୍କୁ ଘର ମାଲିକ ମେଡିକାଲ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ୧୨୦ ଲିଟର ଦେଶୀ ମଦ ନଷ୍ଟ



**ବେଗୁନିଆପଡ଼ା,୪।୧(ଡି.ଏନ.ଏ.)**

ବେଗୁନିଆପଡ଼ା ପୋଲିସ ଚନ୍ଦନପୁର ଗ୍ରାମ ନିକଟ ଏକ ଜଙ୍ଗଲରୁ ୪୫୦୦ ଲିଟର ଦେଶୀ ମଦ ପୋଚ ସହ ୧୨୦ ଲିଟର ରନ୍ଧା ମଦ ମଧ୍ୟ ନଷ୍ଟ କରିଛି। ବେଗୁନିଆପଡ଼ା ଫାଣ୍ଡି ଚନ୍ଦନପୁର ଗ୍ରାମ ନିକଟ ଜଙ୍ଗଲରେ କିଛି ବ୍ୟକ୍ତି ମଦ ପ୍ରସ୍ତୁତି କରୁଥିବା ଶୁଣି ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା, କୋଦଳା ସବ ଇନ୍ସପେକ୍ଟର ଅନିଲ କୁମାର ସାହୁଙ୍କ ସମେତ ପୋଲିସ କର୍ମଚାରୀ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଏହା ସହିତ ଏକ କାଠ ଗାଡିକୁ ମଧ୍ୟ ବନ ବିଭାଗ ଜବତ କରିଥିବା ବେଳେ ତାହା ସନ୍ଦେହ ଘେରରେ ରହିଛି।

## ଗ୍ରାମ୍ୟ ମିସ୍ତ୍ରି ପ୍ରଶିକ୍ଷଣ ସମାରୋହ ଶୁଭାରମ୍ଭ



ଏମ୍‌ପି ପ୍ରମିଳା ବିଶୋୟୀ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ସୋରଡ଼ା,୪।୧୧(ଡି.ଏନ୍.ଏ.)**

ଗ୍ରାମାଞ୍ଚଳ ମିସ୍ତ୍ରୀମାନଙ୍କ ଆର୍ଥିକ ବିକାଶ, ଉନ୍ନତ କୌଶଳ ଦକ୍ଷତା ବିକାଶ, ପରିବାରର ଉନ୍ନତି ତଥା ଶିକ୍ଷା, ସ୍ୱାସ୍ଥ୍ୟ, ସେବା ଆଦି ଯୋଗାଇବା ଉଦ୍ଦେଶ୍ୟରେ ସରକାର ଆରମ୍ଭ କରିଥିବା ଗ୍ରାମ୍ୟ ମିସ୍ତ୍ରୀ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସୋରଡା ବ୍ଲକ ଗୌଡଗୋଠାରେ ଗ୍ରାମ୍ୟ ମିସ୍ତ୍ରୀ ପ୍ରଶିକ୍ଷଣ ସମାରୋହ ତଥା ୪୫ଦିନିଆ ପ୍ରଶିକ୍ଷଣ ଦକ୍ଷତା ବିକାଶ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅସମାକସ୍ ଦକ୍ଷତା ଉନ୍ନତି ସଂସ୍ଥା ଏବଂ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ତ୍ରିପାଠୀ, ବିଡିଓ ସୀମାଞ୍ଚଳ ମଣ୍ଡଳ, ସହକାରୀ ଯନ୍ତ୍ରୀ ଅମୀୟ କୁମାର ପ୍ରଧାନ, ସରପଞ୍ଚ ରାମ ଶବର ଯୋଗ ଦେଇଥିଲେ। ମିସ୍ତ୍ରୀ ଅଭାବରୁ ଆବାସ ଯୋଜନାରେ ଘର ମିଳୁଥିବା ହିତାଧିକାରୀ ହଇରାଣ ହେଉଛନ୍ତି। ମିସ୍ତ୍ରୀ ତାଲିମ ନେବାପରେ ଯୁବକମାନେ ହିତାଧିକାରୀଙ୍କ ଗୃହ ନିର୍ମାଣ କରିବେ। ସେମାନେ ସରକାରଙ୍କ ଠାରୁ ସିଧାସଳଖ ମଜୁରୀ ପାଇବେ ବୋଲି ସହକାରୀ ଯନ୍ତ୍ରୀ ପ୍ରଧାନ କହିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

ଦିଗପହଣ୍ଡି,୪।୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଯୋଜନା ଭୁକ୍ତ)ର ପରିବର୍ଦ୍ଧିତ ଆଲୋଚନା ସଭା ଶନିବାର ଦିଗପହଣ୍ଡି ସ୍ଥିତ କଳିଙ୍ଗ ବୈଶ୍ୟ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ବିଜୟ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ସଭାରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୫୯ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗଣ ଶିକ୍ଷା ବିଭାଗ ପକ୍ଷରୁ ନିୟମିତ ମାନ୍ୟତା ପ୍ରଦାନ କରାଯାଇଥିବାରୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ୩୧ ତାରିଖରେ ଅବସର ଗ୍ରହଣ କରିଥିବା ଭୁଖୁଣ୍ଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଷମା ଦେବୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସର୍ବସମ୍ମତି କ୍ରମେ ରାଜେନ୍ଦ୍ର କୁମାର ଗୌଡଙ୍କୁ ସଂଘ ସଭାପତି, ପ୍ରଶାନ୍ତ ପାଣିଗ୍ରାହୀଙ୍କୁ ସମ୍ପାଦକ, ଦୀନବନ୍ଧୁ ପାତ୍ରଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଥିଲା। ସେହିଭଳି ଜଗଦୀଶ ଦୋରା, ଉପେନ୍ଦ୍ର କୁମାର ପଣ୍ଡା ଏବଂ ସୁରମା ସାମନ୍ତଙ୍କୁ ଉପସଭାପତି, କୃଷ୍ଣ ଚନ୍ଦ୍ର ପାତ୍ର, ବଳରାମ ଦୋରା, ସୁଦର୍ଶନ ସେଠୀ, ଗୀତାଞ୍ଜଳି ଦେବୀ ଏବଂ ଲଳିତା ପାତ୍ରଙ୍କୁ ସହ ସମ୍ପାଦକ, ଇ.ସୀମାଦ୍ରି ପାତ୍ର କୋଷାଧ୍ୟକ୍ଷ, ସୁରେନ୍ଦ୍ର ନାଥ ଦାଶ ଏବଂ ଚନ୍ଦ୍ର ଶେଖର ବାଡତ୍ୟାଙ୍କୁ ହିସାବ ସମୀକ୍ଷକ ଭାବେ ମନୋନୀତ କରାଯାଇଛି।

# ବେଣୁଗୌରୀ, କାର୍ତ୍ତିକଢ଼ୀ ଗ୍ରାମବାସୀଙ୍କ ବିବାଦ: ଥାନାରେ ଏତଲା

**ଗଞ୍ଜାମ,୪।୧(ଡି.ଏନ.ଏ.)**



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ।

ରମ୍ଭା ଥାନା ଅନ୍ତର୍ଗତ ବେଣୁଗୌରୀ ଓ କାର୍ତ୍ତିକଢ଼ୀ ଗ୍ରାମ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏ ନେଇ ଶନିବାର କାର୍ତ୍ତିକଢ଼ୀ ଗ୍ରାମବାସୀ ରମ୍ଭା ଥାନାରେ ଅଭିଯୋଗ କରିଛନ୍ତି। ଏଥି ସହ ଶତାଧିକ ମହିଳା ପୁରୁଷ ଗଞ୍ଜାମ ତହସିଲ କାର୍ଯ୍ୟାଳୟ ଯାଇ ତହସିଲଦାର ଅବନୀ କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗତ କିଛିଦିନ ତଳେ ବେଣୁଗୌରୀ ଓ କାର୍ତ୍ତିକଢ଼ୀ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିପାଇଁ ରମ୍ଭା ଥାନା ପୋଲିସ ଉଭୟ ଗ୍ରାମବାସୀଙ୍କୁ ଡକାଇ ୧୫ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି କହିଥିଲା। କିନ୍ତୁ ବେଣୁଗୌରୀ ଗ୍ରାମର କେତେକ ଯୁବକ ନିଶାସକ୍ତ ହୋଇ ଅଶ୍ଳୀଳ ଭାଷାରେ କାର୍ତ୍ତିକଢ଼ୀବାସୀଙ୍କୁ ଗାଳିଗୁଲଜ କରୁଥିବା ସେମାନେ ଅଭିଯୋଗ କରିଥିଲେ। ତେଣୁ ନ୍ୟାୟ ନ ମିଳିଲେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି କାର୍ତ୍ତିକଢ଼ୀବାସୀ ଚେତାବନୀ ଦେଇଛନ୍ତି। ରମ୍ଭା ଥାନାଧିକାରୀଙ୍କ ସହ ଯୋଗାଯୋଗ ହୋଇ ନ ଥିବା ବେଳେ ତହସିଲଦାରଙ୍କୁ ପଚାରିବାରୁ ପୂର୍ବରୁ ଉଭୟ ଗ୍ରାମ ମଧ୍ୟରେ ବିବାଦ ଥିଲା। ରମ୍ଭା ଥାନା ପୋଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ଉଭୟ ଗ୍ରାମବାସୀଙ୍କୁ ପୁଣି ଡକାଇ ଆପୋଷ ବୁଝାମଣା କରାଯିବ ବୋଲି ସେ କହିଛନ୍ତି।

# ୨ ବେଆଇନ କ୍ଲିନିକ୍‌ରେ ପ୍ରଶାସନର ଚଢ଼ାଉ

**ଗୋପାଳପୁର,୪।୧**

■ ୪ଦିନ ମଧ୍ୟରେ କାଗଜପତ୍ର ଦାଖଲ ନିର୍ଦ୍ଦେଶ
■ ମାଲିକଙ୍କ ପୁଅ ଦେଉଥିଲେ ଇଞ୍ଜେକ୍‌ସନ

ଦୀର୍ଘବର୍ଷ ହେଲା ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳରେ ନକଲି ଡ଼ାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବେଆଇନ କ୍ଲିନିକ କରି ରୋଗୀଙ୍କୁ ଚିକିତ୍ସା ଆଳରେ ଶୋଷଣ କରାଯାଉଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର ହୋଇ ଉଠିଛି। ଶନିବାର ରଣ୍ଡା ଓ ଗୋଳନ୍ଥରା ଚଟି ନିକଟରେ ଥିବା ଦୁଇଟି ବେଆଇନ କ୍ଲିନିକରେ କନିଷ୍ଠ ତହସିଲଦାରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଛି। ପୂର୍ବାହ୍ନରେ କନିଷ୍ଠ ଭାରପ୍ରାପ୍ତ ତହସିଲଦାର ଅନୀତା ସାହୁ, କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ସୁଜିତ ମହାପାତ୍ର ଓ ଗୋଳନ୍ଥରା ଏସ୍‌ଆଇ ଜୟନାଥ ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ରଣ୍ଡା ଗ୍ରାମରେ ଥିବା ଏକ ଦନ୍ତ ଚିକିତ୍ସାଳୟରେ ଚଢ଼ାଉ କରିଥିଲେ। ଚିକିତ୍ସାଳୟରେ ଥିବା ଡ଼ାକ୍ତରଙ୍କୁ ତହସିଲଦାର କ୍ଲିନିକ ଏଷ୍ଟାବ୍ଲିଶମେଣ୍ଟ ସାର୍ଟିଫିକେଟ ମାଗିବାରୁ ଏନେଇ ଆବେଦନ କରାଯାଇଛି ବୋଲି ସେ କହିଥିଲେ। ପରେ ତହସିଲଦାର ଉକ୍ତ ବେଆଇନ ଚିକିତ୍ସାଳୟକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଗୋଳନ୍ଥରା ଚଟିସ୍ଥିତ କାମରାଜୁ ଚିକିତ୍ସାଳୟରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। କାମରାଜୁଙ୍କ ପୁଅ ଜଣେ ରୋଗୀଙ୍କୁ ଇଞ୍ଜେକସନ ଦେଉଥିବା ଟିମ୍ ସଦସ୍ୟ ଦେଖିଥିଲେ। କାଗଜପତ୍ର ମାଗିବାରୁ ସେ ଆର୍‌ଏମ୍‌ପି ସାର୍ଟିଫିକେଟ ଦେଖାଇଥିଲେ। ତହସିଲଦାର ସାହୁ କ୍ଲିନିକ୍ ଏଷ୍ଟାବ୍ଲିଶମେଣ୍ଟ ସାର୍ଟିଫିକେଟ ମାଗିବାରୁ ସେ ଦେଖାଇପାରିନଥିଲେ। ତୁରନ୍ତ ଏହାକୁ ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ୪ ଦିନ ମଧ୍ୟରେ ସାର୍ଟିଫିକେଟ ଓ ଅନ୍ୟ କାଗଜପତ୍ର ପ୍ରଶାସନ ନିକଟରେ ଦାଖଲ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ